# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25th September – 2026

***********************************

## ମୁଖ୍ୟ ସମ୍ବାଦ

- ସମବାୟ ସଦସ୍ୟତା ଅଭିଯାନ ‘ସମ୍ପନ୍ଧ’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

— ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀ ସଦସ୍ୟଙ୍କୁ ପ୍ରଥମ ଥରପାଇଁ ଲାଭାଂଶ ବଣ୍ଟନ ।

- ବିରୋଧୀ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଧାନସଭା ଆଜିପାଇଁ ମୁଲତବୀ ।

- ନୂଆଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ଜଳସପ୍ତାହର ରାଜ୍ୟ ବର୍ଗରେ ଓଡ଼ିଶାକୁ ମିଳିଲା ଶ୍ରେଷ୍ଠ ପୁରସ୍କାର ।

- ଏସୀୟ କ୍ରୀଡ଼ାର ଦୌଡ଼ ପ୍ରତିଯୋଗିତାରେ ଭାରତର ଗୁଲବୀର ସିଂହଙ୍କୁ ରୌପ୍ୟ ପଦକ ।

ଏବଂ

- ଅବପାତର ପ୍ରଭାବରେ ରାଜ୍ୟରେ ଲଗାଣ ବର୍ଷା; ୬ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ।

# ସମ୍ବନ୍ଧ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଓ.ୟୁ.ଏ.ଟି.ସ୍ଥିତ କୃଷି ଶିକ୍ଷା ସଦନଠାରେ ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ' କୃଷକମାନଙ୍କୁ ବିପୁଳ ସଂଖ୍ୟାରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ଯୋଡ଼ିହେବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହକାର ସେ ସମୃଦ୍ଧି ଆହ୍ୱାନକୁ ପାଥେୟ କରି ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ନିଜର ସମବାୟ ନୀତି ପ୍ରଣୟନ କରିଛି । ଏହା ମାଧ୍ୟମରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସଗୁଡ଼ିକୁ ଋଣ ପ୍ରଦାନରେ ସୀମିତ ନ ରଖି ଗ୍ରାମାଞ୍ଚଳର ମଲ୍‌ଟି ସର୍ଭିସ୍ ଓ୍ୱାନ୍ ଷ୍ଟପ୍ ସଲ୍ୟୁସନ କେନ୍ଦ୍ରରେ ପରିଣତ କରାଯାଇଛି ।

***Voice (CM)*** :.......

ମୁଖ୍ୟମନ୍ତ୍ରୀ ଏହି ଅବସରରେ ୧୮୫ଟି ରୂପାନ୍ତରିତ ମଣ୍ଡି, ୨୫୦ଟି ଜନସେବା କେନ୍ଦ୍ର, ୭୦ଟି ପ୍ୟାକ୍ସ ନୂତନ କାର୍ଯ୍ୟାଳୟ ଓ ଗୋଦାମଘରର ଉଦ୍‌ଘାଟନ କରିଛନ୍ତି । ଏହାସହ ସମବାୟ ଚିନିଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନିକଲ ଅଞ୍ଚଳର

ଚାଷୀମାନଙ୍କୁ ଏକର ପ୍ରତି ୧୫ ହଜାର ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଚାଷୀ ସଦସ୍ୟମାନଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟାର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏଥିରେ ସମୁଦାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ ବୋଲି ଜଣାପଡ଼ିଛି ।

***Assembly Review***

# ବିଧାନସଭା

ସପ୍ତଦଶ ବିଧାନସଭା ମୌସୁମୀ ଅଧିବେଶନର ଆଜି ଚତୁର୍ଥ ଦିବସରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏମ୍.ଏମ୍.ଡି.ଆର୍. ସଂଶୋଧନ ଆଇନ ସହ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଆଜିପାଇଁ ମୁଲତବୀ ଘୋଷଣା କରାଯାଇଛି । ଆସନ୍ତା ସୋମବାରଠାରୁ ପୁଣି ଥରେ ଗୃହ କାର୍ଯ୍ୟକ୍ଷମ ହେବ ।

ତେବେ ହଟ୍ଟଗୋଳ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ୪ଟି ରିପୋର୍ଟ ଉପସ୍ଥାପନ କରିଥିବାବେଳେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ ।

# ଶିକ୍ଷକ ପଦବି

ରାଜ୍ୟରେ ୪୬୦ଟି ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାବେଳେ ୮୩୩ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକଙ୍କଦ୍ୱାରା ପରିଚାଳିତ ହେଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ୩୭୪ଟି ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାବେଳେ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏବଂ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ୧୩ ହଜାର ୯୦୩ଟି ଶିକ୍ଷକ ପଦବି ଖାଲି ପଡ଼ିଛି । ସେହି ପଦବିଗୁଡ଼ିକୁ ତୁରନ୍ତ ପୂରଣ କରିବାପାଇଁ ସରକାରୀ ସ୍ତରରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଆଗାମୀ ଦିନରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ।

***Desk***

# ଉଠାଜଳସେଚନ ପ୍ରକଳ୍ପ

ଓଡ଼ିଶା ବିଧାନସଭାସ୍ଥିତ ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଓଡ଼ିଶା ଉଠାଜଳସେଚନ ନିଗମ ଅଧୀନରେ ୧ ହଜାର ୬୫୮ଟି ପ୍ରକଳ୍ପର ମରାମତି ତଥା ପୁନରୁଦ୍ଧାର ନିମନ୍ତେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲଗାଣ ବର୍ଷା ତଥା ବନ୍ୟା ପରିସ୍ଥିତି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପ୍ରକଳ୍ପଗୁଡ଼ିକର ନିରୀକ୍ଷଣ କରି ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି । ଶକ୍ତିବିଭାଗ, ଜଳସମ୍ପଦ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ପୁନରୁଦ୍ଧାର କାର୍ଯ୍ୟ କରିବାପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ ।

***Desk***

# ଭୁବନେଶ୍ୱର - ଡି.ସି.ପି.

ଭୁବନେଶ୍ୱରର ନୂତନ ଡି.ସି.ପି. ଭାବେ ଶର୍ବଣୀ ବିବେକ ଏମ୍. ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ବ୍ରହ୍ମପୁରର ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱରେ ଥିଲେ । ୨୦୧୩ ବ୍ୟାଚ୍‌ର ଆଇ.ପି.ଏସ୍. ଅଧିକାରୀ ଜଗମୋହନ ମୀନାଙ୍କ ଚାକିରିରୁ ଇସ୍ତଫା ଦେବା ପରେ ଶ୍ରୀ ବିବେକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ।

*IPR*

# ଜଳସମ୍ପଦ ପୁରସ୍କାର

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ନବମ ଭାରତ ଅନ୍ତର୍ଜାତୀୟ ଜଳସପ୍ତାହ-୨୦୨୬ରେ ରାଜ୍ୟ ବର୍ଗରେ ଓଡ଼ିଶା ଜଳସମ୍ପଦ ବିଭାଗକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି । ଜଳବାୟୁ ସହନଶୀଳ, ଜଳ ପରିଚାଳନା ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସହଯୋଗୀ ରାଜ୍ୟଭାବେ ଅଂଶଗ୍ରହଣ କରିଥିଲା । ଓଡ଼ିଶା ପାଭିଲିୟନ୍‌ରେ ଜଳ ସଂରକ୍ଷଣ ଓ ବର୍ଣ୍ଟନ, ଜଳ ସୁବ୍ୟବହାର, କୃଷି ନବସୃଜନ ଏବଂ ସ୍ଥାନୀୟ ସମୁଦାୟର ଅଂଶଗ୍ରହଣକୁ ଏକୀକୃତ କରି ରାଜ୍ୟର ଜଳ ପରିଚାଳନା ଉପରେ ମଡେଲ୍ ପ୍ରଦର୍ଶିତ କରାଯାଇଥିଲା । ମଡେଲ୍‌ରେ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ପୁନରୁଦ୍ଧାର ସହ ଧାନଚାଷ, ଜୈବିକ ସାର ପ୍ରୟୋଗ, ଫସଲ ବିବିଧୀକରଣ ଏବଂ ସମନ୍ୱିତ ଧାନ ଓ ମାଛଚାଷ ଆଦି ସ୍ଥାନ ପାଇଥିଲା । ଏଥିସହ ରାଜ୍ୟର କାନପୁର ଜଳସେଚନ ପ୍ରକଳ୍ପର ମଡ଼େଲ୍ ମାଧ୍ୟମରେ ବୃହତ୍ ଜଳସେଚନ ଭିତ୍ତିଭୂମି ଏବଂ ଆବଶ୍ୟକ ଜଳବର୍ଣ୍ଟନ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା ।

*IPR*

# ଆଙ୍ଗନ

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆସନ୍ତାକାଲି ଆଙ୍ଗନ କାର୍ଯ୍ୟକ୍ରମର ଉଦ୍‌ଘାଟନ ହେବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ ।

*Kataka/R*

# ଦୁର୍ଗାପୂଜା - ଏନ୍.ଓ.ସି.

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦୁର୍ଗାପୂଜା ଅବସରରେ ପୂଜାକମିଟିଗୁଡ଼ିକୁ ଏନ୍.ଏସ୍.ସି. ପ୍ରଦାନ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରାଯିବ । ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ସାଢ଼େ ୫ଟା ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ ପରିସରରେ କମିଟିଗୁଡ଼ିକର ଏନ୍.ଓ.ସି. ପ୍ରଦାନ ସମ୍ପର୍କିତ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ କରାଯିବ ବୋଲି ଜଣାପଡ଼ିଛି ।

*Kendrapada/R*

# ବଳଦେବଜିଉ - ସୁନାବେଶ

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜିଉଙ୍କ ସୁନାବେଶ ଆସନ୍ତାବର୍ଷଠାରୁ ଆରମ୍ଭ ହେବ । ଏନେଇ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଶ୍ରଦ୍ଧାଳୁଙ୍କ ଆଗ୍ରହ, ମନ୍ଦିର ପ୍ରଶାସନର ସହଯୋଗରେ ପର୍ବପର୍ବାଣିରେ ଶ୍ରୀଜିଉଙ୍କୁ ସୁନାବେଶ କରାଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟ ମୁଖ୍ୟ ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ସୂଚନା ଦେଇଛନ୍ତି ।

*Nayagada/R*

# କଣ୍ଟିଲୋ - ଅନନ୍ତବ୍ରତ

ନୟାଗଡ଼ ଜିଲ୍ଲା କଣ୍ଟିଲୋ ଶ୍ରୀନୀଳମାଧବଜିଉ ମନ୍ଦିରରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଅନନ୍ତବ୍ରତ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ ।

***Nuapada/R***

# ଚାରାରୋପଣ

ସେବା ସଙ୍କଳ୍ପ ଅଭିଯାନ ଅବସରରେ ନୂଆପଡ଼ା ଜିଲ୍ଲା ଡୁମେରପାଣି ଗ୍ରାମପଞ୍ଚାୟତରେ "ଏକ୍ ପେଡ୍ ମା' କେ ନାମ-୩.୦" ଅଧୀନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା, ଜଳବାୟୁ ସନ୍ତୁଳନ ସଂକ୍ରାନ୍ତରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

***Nayagada/R***

# ପ୍ରମୋ ରନ୍-ନୟାଗଡ଼

ବିଶ୍ୱ ପର୍ଯ୍ୟଟନ ଦିବସ ଆସନ୍ତା ୨୭ ତାରିଖରେ ପାଳିତ ହେବ । ଏହି ଅବସରରେ ନୟାଗଡ଼ ଜିଲ୍ଲାରେ ଆୟୋଜିତ ହେବାକୁ ଥିବା 'ପ୍ରମୋ ରନ୍-ନୟାଗଡ଼' କାର୍ଯ୍ୟକ୍ରମକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

*Nayagarh/R*

# ଅଭିଯୋଜନ ନିର୍ଦ୍ଦେଶାଳୟ

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ନୂତନ କାର୍ଯ୍ୟାଳୟକୁ ଜିଲ୍ଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାରେ ଅପରାଧିକ ମାମଲାର ଦକ୍ଷ ଏବଂ ସମୟୋଚିତ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାରେ ଏହା ସହାୟକ ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି ।

*Desk*

# ଏସୀୟ କ୍ରୀଡ଼ା

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାର ୧୦ ହଜାର ମିଟର ଦୌଡ଼ ପ୍ରତିଯୋଗିତାର ଭାରତର ଗୁଲବୀର ସିଂହଙ୍କୁ ରୌପ୍ୟ ପଦକ ମିଳିଛି । ଗୁଲ୍‌ବୀର ଏସୀୟ କ୍ରୀଡ଼ାର ଗତ ସଂସ୍କରଣରେ ଏହି ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିଲେ । ଏହାସହ ମହିଳା ସଟ୍‌ପୁଟ୍‌ରେ ମନପ୍ରୀତ୍ କୌର କାଂସ୍ୟ ପଦକ ଜିତିଛନ୍ତି । ଏହାକୁ ମିଶାଇ ଭାରତର ପଦକ ସଂଖ୍ୟା ୨୨ରେ ପହଞ୍ଚିଛି । ଏଥିରେ ଦୁଇଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୧ଟି କାଂସ୍ୟ ପଦକ ରହିଛି ।

*Desk*

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଅବପାତ ଆହୁରି ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ପ୍ରବଳ ବର୍ଷା ହେବାନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବୈତରଣୀ ଓ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଭଦ୍ରକ ଆଖୁଆପଦାଠାରେ ମଧ୍ୟ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି ।

*Kataka, Malkangiri, Kalahandi, Nabarangpur/R*

# ବିଦ୍ୟାଳୟ ଛୁଟି

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି କଟକ, ମାଲକାନଗିରି ସମେତ ଅନ୍ୟ କେତେକ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି ।

ଲଗାଣ ବର୍ଷା ଯୋଗୁଁ ପ୍ରଭାବିତ କଳାହାଣ୍ଡି ଜିଲ୍ଲାର କଲମପୁର ଏବଂ ଜୟପାଟଣା ବ୍ଲକ୍‌ର ସ୍ଥିତି ଜିଲ୍ଲାପାଳ ସଚିନ ପାୱାର ସମୀକ୍ଷା କରିଛନ୍ତି । ଜରୁରୀ ପରିସ୍ଥିତିର ମୁକାବିଲାପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ଅମୀୟ କୁମାର ସାହୁ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ।

******